## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା: ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୫।୯(ଅଶେଷ ନାଥ ମିଶ୍ର)-ଦିଗପହଣ୍ଡି ଥାନା ଅଞ୍ଚଳରେ ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କୁ ଗାଁର କାଳିଆ ବାଡ଼ତ୍ୟା ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଦିଗପହଣ୍ଡି ପୋଲିସ ଅଭିଯୁକ୍ତ କାଳିଆଙ୍କୁ ବୁଧବାର ବ୍ରହ୍ମପୁର ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ଥାନା ମାମଲା ନଂ.୩୫୭/୨୪ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଇଯାଇଛି। ଗତ ଶୁକ୍ରବାର ପୂର୍ବାହ୍ନରେ ଛାତ୍ରୀ ଜଣକ ସ୍କୁଲ ଯାଉଥିବା ବେଳେ ରାସ୍ତାରୁ ଅଭିଯୁକ୍ତ ଅପହରଣ କରିନେଇଥିଲେ। ଏନେଇ ଛାତ୍ରୀଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ସକାଳେ ତଦନ୍ତକାରୀ ପୋଲିସ ଅଧିକାରୀ ସୋଫିଆ ମିଶ୍ର ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିଲେ। ତାଙ୍କ ସୂଚନା ପ୍ରକାରେ ଛାତ୍ରୀଙ୍କୁ ତପ୍ତପାଣି ସ୍ଥିତ ଏକ ମନ୍ଦିର ନିକଟରୁ ଉଦ୍ଧାର କରାଯାଇଥିଲା। ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଛାତ୍ରୀଙ୍କୁ ପରିବାର ଲୋକେ ଗ୍ରହଣ ନକରିବାରୁ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ ପ୍ରକାରେ ତାଙ୍କୁ ବ୍ରହ୍ମପୁର ସ୍ଥିତ ସେଲ୍ଟର ହୋମରେ ରଖାଯାଇଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।

### ଭାଜପା ସଦସ୍ୟତା ଅଭିଯାନ

ରମ୍ଭା,୨୫।୯(ବନବାସୀ ସେଠୀ)-ସ୍ଥାନୀୟ ଏନ୍ଏସି କଲ୍ୟାଣ ମଣ୍ଡପରେ ଭାଜପା ତରଫରୁ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଉପଲକ୍ଷେ ସଦସ୍ୟତା ଅଭିଯାନ -୨୦୨୪ ରମ୍ଭା ଏନ୍ଏସି ଅଧକ୍ଷା ମାନସୀ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ଏମ୍ପି ଡ. ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଉପାଧକ୍ଷ କାଳିଆ ତରେଇ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ଦେଇଥିଲେ ବିଧାୟକ ପ୍ରତିନିଧି ସୀମାଞ୍ଚଳ ବାଡତ୍ୟା ଏବଂ ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ ସଂଯୋଜନା କରିଥିଲେ। ସର୍ବ ପ୍ରଥମେ ଅତିଥିମାନଙ୍କୁ ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ଘନଶ୍ୟାମ ବେହେରା, କାଉନସିଲର ଅଭିନାଥ ବେହେରା, ବାନାମ୍ବର ସେଠ, ମନୋଜ କୁମାର ଗୌଡ଼। କାର୍ଯ୍ୟକ୍ରମରେ ଦୁର୍ଯ୍ୟୋଧନ ରେଡ୍ଡୀ, ପ୍ରଶାନ୍ତ କୁମାର ନାୟକ, ବିବେକାନନ୍ଦ ପଟ୍ଟନାୟକ, ରାଜା ପଟ୍ଟନାୟକ, କେଦାର ବାରିକ, ଦିବାକର ତରାଇ ଉପସ୍ଥିତ ରହି ସହଯୋଗ କରିଥିଲେ।

### ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

ଟିକିଟି,୨୫।୯(ପ୍ରକାଶ ଚନ୍ଦ୍ର ସାହୁ)-ଟିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ବୁଧବାର ସ୍ୱଚ୍ଛତା ଉପରେ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ଏକ ଶୋଭାଯାତ୍ରାରେ ସ୍ୱଚ୍ଛତା ଉପରେ ସଚେତନତା କରାଇଥିଲେ। ଟିକିଟି ତହସିଲଦାର ବଳଦେବ ବେହେରା, ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ଦୀପକ୍ଷ କୁମାରୀ, ଏନ୍ଏସିର ସାମିଲ ଥିଲେ।

# ଭ୍ରୁଣର ଲିଙ୍ଗ ନିରୂପଣ କେନ୍ଦ୍ର ଯାଞ୍ଚ ନିର୍ଦ୍ଦେଶ

ଛତ୍ରପୁର,୨୫।୯(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲାରେ ଭ୍ରୁଣର ଲିଙ୍ଗ ନିରୂପଣ ଭଳି ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଲିଙ୍ଗ ନିରୂପଣକୁ ରୋକାଯାଇ ପାରିଲେ ଉଭୟ ପୁରୁଷ ଓ ନାରୀ ସଂଖ୍ୟାର ସମାନୁପାତ ବଜାୟ ରହିବ। କନ୍ୟା ଭ୍ରୁଣ ହତ୍ୟାକୁ ରୋକିବାକୁ ପରାମର୍ଶଦାତା କମିଟି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକ୍ରିୟାକୁ ବ୍ୟାପକ କରିବା ଓ ଭ୍ରୁଣ ହତ୍ୟା କରୁଥିବା ସଂସ୍ଥା ପ୍ରତି ନଜର ରଖିବା ଏବଂ ଚଢ଼ାଉ ଜୋରଦାର କରିବା ଉପରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଗୁରୁତ୍ୱାରୋପ କରିଛନ୍ତି। ପ୍ରାକ

**୭ ସିଏଚ୍‌ସିରେ ହେବ ଅଲଟ୍ରାସାଉଣ୍ଡ ସୁବିଧା**

ଗର୍ଭଧାରଣ ଓ ପ୍ରସବ ପୂର୍ବ ନିଦାନ ଆଇନ ଜିଲା ପରାମର୍ଶଦାତା କମିଟି ବୈଠକ ବୁଧବାର ଆଭାସୀ ମାଧ୍ୟମରେ ହୋଇଛି। ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାଢୀ ଲିଙ୍ଗ ନିର୍ଦ୍ଧାରଣ ବନ୍ଦ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମତ ରଖିଥିଲେ ।

ସ୍ୱାସ୍ଥ୍ୟଗତ ଯାଞ୍ଚ ସକାଶେ ଅଲଟ୍ରାସାଉଣ୍ଡ (ୟୁଏସ୍‌ଜି) ୟୁନିଟର ପଞ୍ଜୀକରଣ ପାଇଁ ଆବେଦନ କରିଥିବା ୩ଟି ସଂସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ଅନୁମୋଦନ ସକାଶେ ଉପସ୍ଥାପନ ହୋଇଥିଲା। ୭ ସ୍ଥାନରେ ଯଥା ବୁଗୁଡା, ଭାଟକୁମରଡା, ଶେରଗଡ, ଟିକିଟି, ସୋରଡା, ଆଡପଡା ଏବଂ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୟୁଏସଜି ମେଶିନ ସ୍ଥାପନ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷଣ ଦିଗରେ କାର୍ଯ୍ୟ କରିବା ଘେନି ସମସ୍ତ ପ୍ରସ୍ତୁତି ହୋଇଥିବା ବୈଠକରେ ଅବଗତ କରାଯାଇଥିଲା। କନ୍ୟା ଭ୍ରୁଣ ହତ୍ୟା ରୋକିବା ପାଇଁ ପରାମର୍ଶଦାତା କମିଟିର ଚଢାଉ ପରେ ଜିଲାରେ ଲିଙ୍ଗ ଅନୁପାତର ସମାନତା ଆସୁଥିବା ବୈଠକରୁ ଜଣାପଡିଥିଲା। ଏଭଳି କାର୍ଯ୍ୟଧାରା ଜାରି ରହିଲେ ଲିଙ୍ଗ ଅନୁପାତରେ ସମାନତା ଆସିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଉପଯୁକ୍ତ ତଦାରଖ ଏବଂ ଯତ୍ନ ପାଇଁ ଗର୍ଭବତୀଙ୍କ ଶୀଘ୍ର ପଞ୍ଜୀକରଣ ସୁନିଶ୍ଚିତ କରିବା, ଡାକ୍ତରଖାନା ପରିସରରେ କନ୍ୟା ସନ୍ତାନ ଜନ୍ମ ଉତ୍ସବ ପାଳନ କରିବା, କନ୍ୟା ସନ୍ତାନର ଗୁରୁତ୍ୱ ସମ୍ପର୍କରେ ପରିବାରବର୍ଗଙ୍କୁ ବୁଝାଇବାକୁ କୁହାଯାଇଥିଲା । ବେଆଇନ ଲିଙ୍ଗ ନିର୍ଦ୍ଧାରଣ ଏବଂ ପରବର୍ତ୍ତୀ ଗର୍ଭପାତରେ ସମ୍ପୃକ୍ତ ବ୍ୟକ୍ତି ଏବଂ କ୍ଲିନିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାରେ ସନ୍ଦିଗ୍ଧ ଅଲଟ୍ରାସାଉଣ୍ଡ ୟୁନିଟ (ୟୁଏସ୍‌ଜି) ପାଇଁ ମିଳିତ ଚଢ଼ାଉ କରାଯିବାର ଯୋଜନା ରହିଛି ବୋଲି ଜିଲ୍ଲାପାଳ ପରିଡା ମତବ୍ୟକ୍ତ କରିଥିଲେ।

## ଡିଲର ଗୋଦାମ ଉପରେ ଚଢ଼ାଉ

**ବଣ୍ଟା ଯାଇ ନ ଥିବା ସାମଗ୍ରୀ ଜବତ**



କାଶୀନଗର,୨୫।୯ (ଟି. କ୍ରିଷ୍ଣାରାଓ): ଯୋଗାଣ ବିଭାଗ ପକ୍ଷରୁ କାଶୀନଗର ଏନ୍ଏସି ୬ ନଂ. ୱାର୍ଡର ଡିଲର ରକ୍କମ ଶ୍ରୀନିବାସ ରାଓଙ୍କ ଗୋଦାମ ଉପରେ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ଅପରାହ୍ନ ୩ଟାରୁ ରାତି ପ୍ରାୟ ୧୧ଟା ଯାଏଁ ସେଠାରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ଜଣାପଡିଛି ଯେ, ୱାର୍ଡର ୨୯୩ ରାଶନ କାର୍ଡଧାରୀଙ୍କୁ ୨୫ ତାରିଖ ଭିତରେ ଷ୍ଟକ ଆସିଥିବା ୧୪୮ ବ୍ୟାଗ ମାଣ୍ଡିଆ ବଣ୍ଟାଯିବା କଥା। କିନ୍ତୁ ତାହା ବଣ୍ଟାଯାଇନାହିଁ। ସେହିପରି ରେକର୍ଡ ଅନୁଯାୟୀ ଗୋଦାମରେ ୭ କୁଇଣ୍ଟାଲ ୨୫ କେଜି ଚାଉଳ ଷ୍ଟକ ନ ରହି ମାତ୍ର ୨୫ କେଜି ଥିଲା। ୭ କ୍ୱିଣ୍ଟାଲ ଚାଉଳ ଗୋଦାମରେ ନ ଥିବା ଜଣାପଡିଥିଲା। ଚଢ଼ାଉରେ ସାମିଲ ଥିବା ଏସିଏସଓ ବିଷ୍ଣୁ ଚରଣ ପରିଡା ଓ ସପ୍ଲାଇ ଇନ୍ସପେକ୍ଟର ଶୁଭେନ୍ଦୁ କୁମାର ପାଣିଗ୍ରାହୀ କହିଛନ୍ତି ଯେ, ଡିଲର ଜଣକ ଗୋଦାମର ଚାବି ହଜିଯାଇଛି କହି ସହଯୋଗ କରି ନ ଥିଲେ। ବହୁ ସମୟ ଅପେକ୍ଷା ପରେ ଶେଷରେ ତାଲା ଭାଙ୍ଗିବାକୁ ପଡିଥିଲା। ଗୋଦାମରେ ବାୟୋମେଟ୍ରିକ ମେଶିନ ନ ଥିବା ଦେଖାଯାଇଥିଲା। ଯୋଗାଣ ବିଭାଗର ଅଧିକାରୀମାନେ ଗୋଦାମରେ ଥିବା ସମସ୍ତ ସାମଗ୍ରୀ ଜବତ କରି ଅନ୍ୟ ଜଣେ ଡିଲର ଈଶ୍ୱର ରାଓଙ୍କ ଜିମା ଦେଇଥିବା ଜଣାପଡିଛି।

## ଦୀପକ ଫର୍ଟିଲାଇଜରରୁ ତମ୍ବା ତାର ଚୋରି ଘଟଣା, ୩ ଗିରଫ

ଛତ୍ରପୁର,୨୫।୯ (ସନ୍ତୋଷ ପାଢୀ/ଦିଲୀପ ସାମଲ):

ଚମାଖଣ୍ଡି ଥାନା ଅଧୀନ ଟାଟା ଇଣ୍ଡଷ୍ଟ୍ରିଆଲ ପରିସରରେ ଥିବା ଦୀପକ ଫର୍ଟିଲାଇଜର କମ୍ପାନୀ ପରିସରରୁ ଅଗଷ୍ଟ ୩୧ ତାରିଖ ରାତିରେ ୬୦ କି.ଗ୍ରା ତମ୍ବାତାର ଚୋରି ହୋଇଥିଲା । ପାଟେରି ଡେଇଁ ୧୦ ଜଣ ଯୁବକ ଭିତରକୁ ଆସି ଉକ୍ତ ତାର ଚୋରି କରିଥିବା କମ୍ପାନୀର ସୁରକ୍ଷାକର୍ମୀ ଚନ୍ଦ୍ରକାନ୍ତ ମହାନ୍ତ ଗତ ୧ ତାରିଖରେ ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ । ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଟିଖାଲ ଗାଁର ଶିବ ପ୍ରଧାନ, କୁମାରପୁର ଗାଁର ଅକ୍ଷୟ ପ୍ରଧାନ ଓ କୁସୁମି ଗାଁର ରାଜା ପ୍ରଧାନ । ଅଭିଯୁକ୍ତମାନଙ୍କଠାରୁ ୨ଟି ବାଇକ, ୫ଟି ମୋବାଇଲ ଫୋନ, ୨ଟି ଖଣ୍ଡା, କାତି ଓ ଲୁହା ଛଡ ଭଳି ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଛି। ତାର ଚୋରି ଘଟଣାରେ ସମ୍ପୃକ୍ତ



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ଅନ୍ୟ ୭ ଜଣଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଚମାଖଣ୍ଡି ଥାନାଧିକାରୀ ଦୀପିକା ଦେବୀ ରାୟ ସୂଚନା ଦେଇଛନ୍ତି। ସେହିପରି ଚୋରି ତମ୍ବା ତାର କିଣିଥିବା ଅଭିଯୋଗରେ ଛତ୍ରପୁର ଅଞ୍ଚଳର ଜଣେ ଓ ଗୋପାଳପୁର ଅଞ୍ଚଳର ଜଣେ କବାଡିବାଲାକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଶିବ. ଅକ୍ଷୟ ଓ ରାଜାଙ୍କୁ ଗୋଳନ୍ଥରା ଥାନା ପୋଲିସ ଗିରଫ କରିଥିଲା। ସେମାନେ ଜେଲରେ ଥିଲେ। ଦୀପକ ଫର୍ଟିଲାଇଜର କମ୍ପାନୀର ତମ୍ବା ତାର ଚୋରି ଘଟଣାକୁ ନେଇ ଚମାଖଣ୍ଡି ଥାନା ପକ୍ଷରୁ ୩ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ଆଣି ଜେରା କରିବା ପରେ ତଥ୍ୟ ହାସଲ କରିଛି।

## ଗୁଣ୍ଡୁରା ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

ପାତ୍ରପୁର,୨୫।୯(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ଗୁଣ୍ଡୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବିଇଓ ସ୍ୱରୂପ ରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ସରପଞ୍ଚ ଭଗବତୀପ୍ରସାଦ ପାଣିଗ୍ରାହୀ, ବିଆର୍‌ସିସି ସୀମାଞ୍ଚଳ ପାଇକ, ଏବିଇଓ ବଂଶୀଧର ମଲ୍ଲିକ, ସିଆର୍‌ସିସି ଏସ ଭକ୍ତସିହ୍ନା ଓ ଶୁଭବ୍ରତ ପାଢ଼ୀ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବିପିନ ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରାଙ୍କୁଡ଼ା ବିଦ୍ୟାଳୟର ଛାତ୍ରୀମାନେ କରିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଚକୋଟୀର ଥିଲା। କାର୍ଯ୍ୟକ୍ରମରେ ବାର ଗୋଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉତ୍ସବକୁ କଇଠା ବିଦ୍ୟାଳୟର ସହକାରୀ ଶିକ୍ଷକ ବେଣୁ ଗୋପାଳ ପାଢ଼ୀ ପରିଚାଳନା କରିଥିବା ବେଳେ ଏସଏମସି ସଭାପତି ତ୍ରିନାଥ ସେଠି, ରଘୁମଣି ସିସୁ, ପ୍ରକାଶ ନେପାକ, ଲଳିତ ମୋହନ ଡାକୁଆ, ସଙ୍ଗୀତା ବାଗାତି, ପ୍ରିୟମ୍ବଦା ପ୍ରଧାନ, ପି. ତୁଳସୀ ଓ ରମେଶ ଶିଷଟୁ ସହଯୋଗ କରିଥିଲେ।

## ସୁସ୍ମିତାଙ୍କ ଚିକିତ୍ସା, ପାଠପଢ଼ା ନେଇ ବଢ଼ିଲା ଆଶା



ତହସିଲଦାର ସୁସ୍ମିତାଙ୍କଠାରୁ ଦରଖାସ୍ତ ଗ୍ରହଣ କରୁଛନ୍ତି।

- ଜିଲା ପ୍ରଶାସନ ସହାୟତା କରିବାକୁ ପଦକ୍ଷେପ ଆରମ୍ଭ
- ଖବର ପ୍ରକାଶ ପରେ ତତ୍ପରତା

ଦାରିଙ୍ଗବାଡି, ୨୫।୯ (ଅରୁଣ ସାହୁ ) ଦାରିଙ୍ଗବାଡି ବ୍ଲକ ଗୌଡ଼ ସାହିର ଯୁକ୍ତ ୨ ଛାତ୍ରୀ ସୁସ୍ମିତା ଗୌଡ଼ଙ୍କ ରାସ୍ତା ଦୁର୍ଘଟଣାରେ ଦୁଇଟି ଗୋଡ଼ ଭାଙ୍ଗିଯାଇଥିଲା। ତାଙ୍କର ଅଧିକା ଚିକିତ୍ସାର ଆବଶ୍ୟକତା ରହିଥିବା ବେଳେ ପରିବାର ଲୋକେ ଅର୍ଥ ଅଭାବରୁ ଚିକିତ୍ସା କରିପାରିନଥିଲେ। ଫଳରେ ସୁସ୍ମିତାଙ୍କ ଡାକ୍ତର ହେବା ସ୍ୱପ୍ନ ଭାଙ୍ଗିଯାଇଥିଲା। ଏ ସମ୍ପର୍କିତ ଖବର କେବଳ ଧରିତ୍ରୀ ପୋର୍ଟାଲରେ ପ୍ରକାଶିତ ହେବା ପରେ ଜିଲା ପ୍ରଶାସନ ସୁସ୍ମିତାଙ୍କୁ ସହାୟତା କରିବାକୁ ପଦକ୍ଷେପ ନେବା ଆରମ୍ଭ କରିଛି। ଜିଲା ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ ଦାରିଙ୍ଗବାଡି ତହସିଲଦାର ଶରତ ଶବର ଓ ଅନ୍ୟ କର୍ମଚାରୀ ଗୌଡ଼ ସାହିରେ ରହୁଥିବା ସୁସ୍ମିତାଙ୍କ ଘରେ ପହଞ୍ଚି ମେଡିକାଲ ରିପୋର୍ଟ ଦେଖିଥିଲେ। ଏଥିସହ ଆର୍ଥିକ ସହାୟତା ପାଇଁ ତାଙ୍କଠାରୁ ତହସିଲଦାର ଦରଖାସ୍ତ ଗ୍ରହଣ କରିଛନ୍ତି। ଆଲୋଚନା ସମୟରେ ସୁସ୍ମିତା ତହସିଲଦାରଙ୍କୁ ନିଜର ଆହୁରି ୪ଟି ଅପରେସନ କରିବାକୁ ଡାକ୍ତର ପରାମର୍ଶ ଦେଇଥିବା ଜଣାଇଥିଲେ। ସେ ଶୀଘ୍ର ସୁସ୍ଥ ହେଲେ ପୁଣି ପାଠ ପଢି ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ଜଣାଇଥିଲେ। ସୂଚନାଯୋଗ୍ୟ, ସୁସ୍ମିତା ଯୁକ୍ତ ୨ ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ରୀ। ଗତ ଜାନୁୟାରୀ ପହିଲାରେ ସୁସ୍ମିତା ରାସ୍ତା ଦୁର୍ଘଟଣାର ଶିକାର ହୋଇଥିଲେ। ଅର୍ଥ ଅଭାବରୁ ସୁସ୍ମିତାଙ୍କ ଚିକିତ୍ସା ହେଉନଥିବା ତାଙ୍କ ମା' ଶଶୀ ଗୌଡ଼ କହିଛନ୍ତି।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଆନ୍ଧ୍ର ଦମ୍ପତି

ପାରଳାଖେମୁଣ୍ଡି,୨୫।୯(ଗିରିଧାରୀ ପରିଚ୍ଛା) ଗଜପତି ଜିଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୫୬ତମ ଶିଶୁକୁ ଜିଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ସୋମବାର ଆନ୍ଧ୍ର ପ୍ରଦେଶ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଆଜିକୁ ପ୍ରାୟ ୫ମାସ ତଳେ ଉକ୍ତ ଶିଶୁଟିକୁ ରାୟଗଡ଼ ଅଞ୍ଚଳରୁ ଅସହାୟ ଅବସ୍ଥାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଉଦ୍ଧାର କରିଥିଲେ। ଶିଶୁଟିର ଯତ୍ନ ପାଇଁ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ୍ ସଲମ୍, ରାଣୀପେଣ୍ଠଠାରେ ରଖାଯାଇଥିଲା। ଉକ୍ତ ଶିଶୁଟିର କେହି ନଥିବା ଜାଣିବା ପରେ ଶିଶୁ ମଙ୍ଗଳ ସମିତି, ଶିଶୁଟିକୁ



ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଚାରିବର୍ଷ ଧରି ସନ୍ତାନ ପାଇଁ ଅନଲାଇନ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଆନ୍ଧ୍ରପ୍ରଦେଶ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲା। ଉପରୋକ୍ତ ଦମ୍ପତି ଶାରୀରିକ ଭାବେ ଶିଶୁଟିକୁ ପସନ୍ଦ କରି ନେବା ପାଇଁ ସ୍ଥିର କରିଥିଲେ। ଆବଶ୍ୟକ ହେଉଥିବା ସମସ୍ତ ଦସ୍ତାବିଜ୍‌କୁ ଜିଲାପାଳ ଯାଞ୍ଚ କରିବା ପରେ ଶିଶୁଟିକୁ ଆନ୍ଧ୍ରପ୍ରଦେଶ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଛତ୍ରପୁର,୨୫।୯(ଦିଲୀପ ସାମଲ): ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ମଙ୍ଗଳବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ ଶିକ୍ଷକମାନେ ସ୍ୱଚ୍ଛତା ପାଇଁ ବିଦ୍ୟାଳୟ ପରିସରରେ ଶପଥ ପାଠ କରିଥିଲେ। ଏଥିସହ ପୋଷ୍ଟର ତିଆରି, କବିତା ପାଠ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଚେତନତା ରାଲି କରାଯାଇଥିଲା । ପରେ ସେମାନେ ରାସ୍ତା ପାର୍ଶ୍ୱରୁ ଅଳିଆ ଆବର୍ଜନା ସଫେଇ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସୁଧାଂଶୁ ଭୂଷଣ ପାଢୀ, ହେମନ୍ତ କୁମାର ମିଶ୍ର, ରବିନ କୁମାର ଏବଂ ଭାଗ୍ୟଶ୍ରୀ ମହାରଣା ପ୍ରମୁଖ ସହଯୋଗ କରିଥିଲେ ।

## ଭାଜପା ପକ୍ଷରୁ ସେବା ପକ୍ଷ ପାଳିତ




ଭଞ୍ଜନଗର,୨୫।୯(ବାବୁଲା ପ୍ରଧାନ) ଭଞ୍ଜନଗର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ବୁଧବାର ସେବା ପକ୍ଷ ପାଳନ ଅବସରରେ ଡିହପଡାଳ ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ସୀମାଞ୍ଚଳ ଡାକୁଆ, ମେଡିକାଲ ପରିଚାଳକ ବିଚିତ୍ର କୁମାର ପାଣିଗ୍ରାହୀ, ଘୁମୁସର ଜିଲା ସାଧାରଣ ସଂପାଦକ ନୀଳମାଧବ ପାତ୍ର, କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ରବୀନ୍ଦ୍ର କୁମାର ଗୌଡ, ଓବିସି ମୋର୍ଚ୍ଚା ସଭାପତି ମାନସ ଜେନା ଓ ଡିହପଡାଳ ସମିତିସଭ୍ୟା ପ୍ରମୁଖ ମଞ୍ଚାସୀନ ଥିଲେ । ଶିବିରରେ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା ।

## ଗଞ୍ଜାମରେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କର ଯାଞ୍ଚ, କାର୍ଯ୍ୟାନୁଷ୍ଠାନ ଦାବି

ଗଞ୍ଜାମ,୨୫।୯(ବିଦ୍ୟାଧର ସାହୁ)

ଗଞ୍ଜାମ,-ଓଡ଼ିଶା-ଭରସା ସଙ୍ଗଠନର ସମ୍ପାଦକ ଦୁର୍ଗା ମାଧବ ପାଣିଗ୍ରାହୀ ରାଷ୍ଟ୍ରୀୟ ଏବଂ ରାଜ୍ୟ ପ୍ରଶାସନ ଦ୍ୱାରା ଗଞ୍ଜାମ ନଗର ଭିତରେ ଅଜଣା ଲୋକଙ୍କ ଗତିବିଧି ବୃଦ୍ଧି ଉପରେ ଚିନ୍ତାବ୍ୟକ୍ତ କରିଛନ୍ତି। ଗଞ୍ଜାମ ନଗରର ନାଗରିକଙ୍କ ପ୍ରାଣ ଏବଂ ସମ୍ପତ୍ତିର ସୁରକ୍ଷା ନେଇ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପସ୍ଥିତି ଲୋକଙ୍କ ଭିତରେ ଆତଙ୍କ ସୃଷ୍ଟି କରିଛି ଏବଂ ସେମାନଙ୍କ ନିରାପତ୍ତା ନେଇ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

**ବାଂଲାଦେଶୀ ପ୍ରବେଶ ସନ୍ଦେହ**

ଏହି ସନ୍ଦର୍ଭରେ ପାଣିଗ୍ରାହୀଙ୍କ ଦ୍ୱାରା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବ୍ରହ୍ମପୁର ଏମ୍ପି ପ୍ରଦୀପ ପାଣିଗ୍ରାହୀ ଓ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ପତ୍ର ମାଧ୍ୟମରେ ଜଣାଯାଇଛି। ଏଥିସହ ଏହାର ନକଲ ପୋଲିସ ମହାନିର୍ଦ୍ଦେଶକ, ରାଜ୍ୟ ଗୃହ ସଚିବ, ଗଞ୍ଜାମ ଜିଲାପାଳ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ, ଗଞ୍ଜାମ ତହସିଲଦାର, ସ୍ଥାନୀୟ ଏନଏସି ନିର୍ବାହୀ ଅଧିକାରୀ ଓ ଥାନାଧିକାରୀଙ୍କୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଯାଇଛି। ଗଞ୍ଜାମ ସହରର ଭୌଗୋଳିକ ଅବସ୍ଥିତି, ଆର୍ଥିକ ସାମର୍ଥ୍ୟ ଏବଂ ଅବାଧ ଅନୁପ୍ରବେଶ ପାଇଁ ପ୍ରଚୁର ସୁଯୋଗ ଆଦି କାରଣରୁ ପର୍ଯ୍ୟାପ୍ତ ନିରୀକ୍ଷଣର ଆବଶ୍ୟକତା ଥିବା ସେ ଦର୍ଶାଇଛନ୍ତି। ସରକାରୀ ସ୍ତରରେ ହସ୍ତକ୍ଷେପ ମାଧ୍ୟମରେ ବର୍ତ୍ତମାନ ବସବାସ କରୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କର ବିଶଦ ଭାବେ ଯାଞ୍ଚ କରିବା ଲାଗି ପାଣିଗ୍ରାହୀ କର୍ତ୍ତୃପକ୍ଷଙ୍କ ନିକଟରେ ଗୁହାରି କରିଛନ୍ତି।

## ସରୁନି ଗୋଚ୍ଛାପଡ଼ା-ସଲାଗୁଡ଼ା ରାସ୍ତା ମାଣିଝିରୁ ପୋଲ

ଫୁଲବାଣୀ/ଗୋଚ୍ଛାପଡା, ୨୫।୯ (ରାକେଶ କୁମାର ରାଉତ/ରୋହିତ କହଁର)

ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଗୋଚ୍ଛାପଡା-ସଲାଗୁଡା ରାସ୍ତାରେ ଚାଲିଥିବା ମାଣିଝିରୁ ପୋଲ କାମ ଆଜି ଯାଏ ଶେଷ ହେଉନାହିଁ । ବୁଧବାର ପ୍ରବଳ ବର୍ଷା ଯୋଗୁ ପୋଲ ପାଖରେ ହୋଇଥିବା ଅସ୍ଥାୟୀ ମାଟି ରାସ୍ତା ଭାସିଯାଇଛି । ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ସଲାଗୁଡ଼ା ପଞ୍ଚାୟତବାସୀଙ୍କ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ବିଦ୍ୟାଳୟକୁ ଯାଇଥିବା ପିଲାମାନେ ଘରକୁ ଫେରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି।



ଅସ୍ଥାୟୀ ରାସ୍ତା ପାଣିରେ ବୁଡି ଯାଇଛି।

**ବର୍ଷାରେ ଯୋଗାଯୋଗ ବିଚ୍ଛିନ୍ନ**

ଅନେକ ରୋଗୀ ମେଡିକାଲ ଯାଇ ନ ପାରି ଘରେ ଅଛନ୍ତି। ସଲାଗୁଡା, ବାକେପଙ୍ଗା, ଟକେରି ଗୁଡ଼ା, ମାଣିଝିରୁ, ଡାହାସ ପାଲି, ନେଡିପଦର, କୁମ୍ଭାରଖୋଲ, କ୍ଷେତାପାଙ୍ଗୁ, ବଦାପାଙ୍ଗୁ, ଗାଡିପଦର, କିଲୁପଙ୍ଗା ଗ୍ରାମବାସୀ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛନ୍ତି। ଏହି ପୋଲ କାମ ବର୍ଷେ ହେବ ଆରମ୍ଭ ହୋଇଛି । କାମ ସରିବାକୁ ଆହୁରି କିଛି ଦିନ ଲାଗିବ । ତୁରନ୍ତ କାମ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସରପଞ୍ଚ ରୋହିତ କହଁର ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି।

## ନଦୀରେ ଭାସିଯାଇ ଯୁବକ ମୃତ

ହିଞ୍ଜିଳିକାଟୁ,୨୫।୯(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳି ଥାନା ତଥା ଶେରଗଡ଼ ବ୍ଲକ ବ୍ରାହ୍ମଣଛାଇ ଗ୍ରାମ ନିକଟ ଋଷିକୁଲ୍ୟା ନଦୀରେ ଭାସିଯାଇ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରାହ୍ମଣଛାଇର ବିଜୁଳି ପୃଷ୍ଟି (୪୮)। ବିଜୁଳି ସକାଳେ ନଦୀରେ ଗାଧୋଉଥିବା ସମୟରେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ବିଜୁଳିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହିଞ୍ଜିଳି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା। ଏ ନେଇ ନଂ. ୩୦/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଶେୟାର ମାର୍କେଟରେ ସୁରକ୍ଷିତ ନିବେଶ ପାଇଁ ସଚେତନତା



ଭଞ୍ଜନଗର,୨୫।୯(ବାବୁଲା ପ୍ରଧାନ): ଉଚ୍ଚଶିକ୍ଷା ବିଭାଗର ଅନୁମତିକ୍ରମେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ(କେଏସ୍‌ୟୁବି) ମହାବିଦ୍ୟାଳୟରେ ବୁଧବାର ଶେୟାର ମାର୍କେଟରେ କିଭଳି ସୁରକ୍ଷିତ ଅର୍ଥ ନିବେଶ ହୋଇପାରିବ ସେ ନେଇ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ସଚେତନ କରାଯାଇଛି। ଏଥିରେ ସେବୀ ଦ୍ୱାରା ନିଯୁକ୍ତ ପୂର୍ବାଞ୍ଚଳ ସ୍ମାର୍ଟ ତାଲିମଦାତା ରଘୁନନ୍ଦନ ପଟ୍ଟନାୟକ ଯୋଗଦେଇ ତାଲିମ

**କେଏସ୍‌ୟୁବି ମହାବିଦ୍ୟାଳୟ**

ପ୍ରଦାନ କରିଥିଲେ। ଶିବିରରେ ବିଭିନ୍ନ ପ୍ରକାର ନିବେଶ ଯୋଜନା, ଶେୟାରବଜାର, ବଣ୍ଡ ବଜାର, ମ୍ୟୁଚୁଆଲ ଫଣ୍ଡ ଏବଂ ଅନ୍ୟାନ୍ୟ ନିବେଶ ମାଧ୍ୟମ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ନିବେଶ ଏକ ଦୀର୍ଘମିଆଦି ପ୍ରକ୍ରିୟା । ଏଥିରେ ତ୍ୟାଗ ଓ ଧର୍ଯ୍ୟ ଦରକାର ବୋଲି ପଟ୍ଟନାୟକ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ବିଭିନ୍ନ ପ୍ରଶ୍ନ କରି ନିଜ ନିଜ ସନ୍ଦେହ ଦୂର କରିଥିଲେ। ଶିବିରରେ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ଅଧକ୍ଷତା କରିଥିଲେ। କଲେଜ କ୍ୟାରିୟର କାଉନସିଲିଂ ସଂଯୋଜକ ଅଧାପକ ସୁନୀଲ କୁମାର ଦାସ ସଭା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ବିଭାସ ଦାସ, ଅଧାପକ ଦୁର୍ଗା ପ୍ରସାଦ ସାହୁ, ବିଜୟ ମଲ୍ଲିକ, ଅଧାପିକା ଶେଫାଳି ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ।

## ଏମ୍‌କେସିଜିକୁ ପୁଣି ୨ ଚକ୍ଷୁ ମିଳିଲା

ବ୍ରହ୍ମପୁର,୨୫।୯ (ସୁବାସ ଚନ୍ଦ୍ର ପାଢ଼ୀ)

ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା କାବିଟି ଗ୍ରାମର କେ.କାମେଶ୍ୱର ରାଓଙ୍କ ସ୍ତ୍ରୀ କିଲାମ ସେଟ୍ଟୀ ଦମୟନ୍ତୀ (୭୧)ଙ୍କ ବ୍ରହ୍ମପୁରର ଗାନ୍ଧୀନଗରରେ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାର ଉପସ୍ଥିତିରେ ଫ୍ରେଣ୍ଡସ ହେଲପିଂ ଜରିଆରେ ତାଙ୍କର ଦୁଇ ଚକ୍ଷୁକୁ ଏମକେସିଜି ଡାକ୍ତରଖାନାକୁ ପ୍ରଦାନ କରାଯାଇଛି। ସେହିପରି କ୍ଲବ ପ୍ରୋତ୍ସାହନରେ ବ୍ରହ୍ମପୁର ଶାସ୍ତ୍ରୀନଗରର ସ୍ୱର୍ଗତ ଭି. ରାଘବ ରାଓଙ୍କ ସ୍ତ୍ରୀ ୱାଡୀ ରଜନୀ(୭୫)ଙ୍କ ମୃତ୍ୟୁ ପରେ ତାଙ୍କର ଚକ୍ଷୁଦାନ ହୋଇଛି। ୨୦୦୦ ମସିହାରେ ଏହି ପରିବାରର ଭି. ଶ୍ରୀରାମୁଲୁ କ୍ଲବ ସଭାପତି ପ୍ରଥମେ ଚକ୍ଷୁଦାନ କରି ଇତିହାସ ସୃଷ୍ଟି କରିଥିଲେ। ତାଙ୍କ ପଦାଙ୍କ ଅନୁସରଣ କରି ପରିବାରବର୍ଗ ଉତ୍ସାହିତ ହୋଇ ୱାଡୀ ରାଜନୀଙ୍କ ଚକ୍ଷୁ ଦାନ କରିଛନ୍ତି। ଚକ୍ଷୁବିଭାଗର ଡା.ବିବେକାନନ୍ଦ ସାହୁ ଓ ଡା. ରୁଚିତ୍ରା ନାୟକ କର୍ଣ୍ଣିଆ ସଂଗ୍ରହ କରିଥିଲେ। କ୍ଲବର ଜମ୍ମୁଲା ସୁରେଶ, ଇ.ରଘୁନାଥମ, ଭି.ଭି.ରାଜୁ, କେ.ପୁରୁଷୋତ୍ତମ ସୁବୁଦ୍ଧି, ଇ.ପୂର୍ଣ୍ଣଚନ୍ଦ୍ର ପାତ୍ର, ଡା.କେ. ମୁରଲୀ ସହଯୋଗ କରିଥିଲେ। କ୍ଲବ ପ୍ରୋତ୍ସାହନରେ ଚଳିତ ମାସରେ ୧୦ ଆଖି ଓ ଚଳିତବର୍ଷ ଏବେସୁଦ୍ଧା ୨୮ ଚକ୍ଷୁ ସଂଗ୍ରହ କରାଯାଇଛି।

## ନକଲି ତେଲ କାରଖାନା ମାଲିକ ଗିରଫ, ୫ଲକ୍ଷ ଟଙ୍କାର ସାମଗ୍ରୀ ଜବତ

ବ୍ରହ୍ମପୁର,୨୫।୯(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ପୋଲିସ ଗଣପତି ନଗର ୫ମ ଲାଇନରେ ମଙ୍ଗଳବାର ରାତିରେ ଏକ ନକଲି ତେଲ ପ୍ରସ୍ତୁତ କାରଖାନାରେ ଚଢ଼ାଉ କରିଥିଲା। ସେଠାରୁ ୫ଲକ୍ଷ ଟଙ୍କାର ନକଲି ତେଲ, କଞ୍ଚାମାଲ, ମେଶିନ, ଲେଭଲ ଜବତ କରିଥିଲା। ପୋଲିସ କାରଖାନା ମାଲିକ ଏସ.ପି. ଶଙ୍କର ରାଓଙ୍କୁ ବାନ୍ଧିଛି। ଅଭିଯୁକ୍ତଙ୍କୁ ଜେରା ବେଳେ ସେ ଆନ୍ଧ୍ରପ୍ରଦେଶରୁ କଞ୍ଚାମାଲ ଓ କଲିକତାରୁ ଲେଭଲ ଠିପି ଇତ୍ୟାଦି ଆଣି ଅପମିଶ୍ରଣ କରି ତାହାକୁ ବ୍ରାଣ୍ଡ ତେଲ ଭାବେ ଷ୍ଟିକର ମାରି ବଜାରରେ ବିକ୍ରି କରୁଥିଲେ ବୋଲି ସ୍ୱୀକାର କରିଥିବା ଥାନାଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି।

ସେହିପରି ସେ ଭେଜାଲ ତେଲ ପ୍ରସ୍ତୁତ କରି ଗଞ୍ଜାମ, ଗଜପତି, କନ୍ଧମାଳ ଅଞ୍ଚଳରେ ବିକ୍ରି କରୁଥିଲେ ବୋଲି ପୋଲିସ ଅଭିଯୁକ୍ତଙ୍କ ବୟାନକୁ ଆଧାର କରି କହିଛି। ଉକ୍ତ କାରଖାନାକୁ ସିଲ କରାଯିବା ସହ ମାମଲା ନଂ ୩୩୪/୨୪ରେ ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ମଙ୍ଗଳବାର ଚଢ଼ାଉ ବେଳେ ବିଏମସିର ଖାଦ୍ୟ ସୁରକ୍ଷା ବିଭାଗ ମଧ୍ୟ ଉପସ୍ଥିତ ଥିଲେ। ସେଠାରେ ସୋରିଷ ତେଲ , ପାମୋଲିନ ତେଲ ଓ ରାଶି ତେଲ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ତେଲର ନମୁନା ସଂଗ୍ରହ କରାଯାଇଛି। ପରୀକ୍ଷଣ ପରେ ସେଥିରେ କେତେ ପରିମାଣର ଅପମିଶ୍ରଣ କରାଯାଇଛି ତାହା ଜଣାପଡିବ ବୋଲି ସୂଚନା ମିଳିଛି । ବ୍ରହ୍ମପୁର ସହରରେ ବର୍ଷ ବର୍ଷ ଧରି ବିଭିନ୍ନ ସାମଗ୍ରୀର ନକଲି କାରବାର ଜାରି ରହିଛି। ବିଶେଷକରି ବଡବଜାର ଓ ଆଖାପାଖ ସାହିରେ ଥିବା ଘର ଗୁଡ଼ିକରେ ନକଲି ସାମଗ୍ରୀ ତିଆରି କରି ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳକୁ ଯୋଗାଣ କରାଯାଉଛି। ଗତ କିଛି ଦିନ ତଳେ ବ୍ରହ୍ମପୁରରୁ ନକଲି ନଡିଆ ତେଲ କାରଖାନା ଠାବ ହୋଇଥିଲା। ପୂର୍ବରୁ ନକଲି ମସଲାଗୁଣ୍ଡ, ନକଲି ଘିଅ, ତେଲ, ଗୁଟଖା କାରଖାନା ଠାବ ହୋଇସାରିଛି । ତେବେ ଏହି ନକଲି ସାମଗ୍ରୀ ପ୍ରସ୍ତୁତିର କେବେ ଅନ୍ତ ଘଟିବ ତାକୁ ନେଇ ପ୍ରଶ୍ନ ଉଠୁଛି।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭ୍ରାମ୍ୟମାଣ ପ୍ରଦର୍ଶନୀ




ଛାତ୍ରୀମାନେ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ଦେଖୁଛନ୍ତି।

ବ୍ରହ୍ମପୁର, ୨୫।୯(ସ୍ୱାଧୀନ ଶେଖର ପାଢ଼ୀ)

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦୁଇ ଦିନିଆ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବ୍ରହ୍ମପୁର ସହର ସ୍ଥିତ ଭିଭି.ଗିରି.ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁରର ପ୍ରଥମ ସରକାରୀ ବିଦ୍ୟାଳୟ ଭାବେ ଏଠାକୁ ଭ୍ରାମ୍ୟମାଣ ଗାଡିଟି ଆସିଛି। ପିଲାଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ଶିକ୍ଷା ସହ ଛବି ଉତ୍ତୋଳନ ମାଧ୍ୟମରେ ବିଜ୍ଞାନର ଗୁଣାତ୍ମକ ଦିଗ ବିକାଶ କରିବାରେ ସହାୟକ ହେବ ବୋଲି ଶିକ୍ଷୟିତ୍ରୀ ମାନେ କହିଛନ୍ତି।

## ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଚେତାବନୀ



ଦାବି ପତ୍ର ପ୍ରଦାନ ବେଳେ ଠିକାଦାର ଏକାଠି ହୋଇଛନ୍ତି।

ବ୍ରହ୍ମପୁର,୨୫।୯(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅଧୀନରେ କାର୍ଯ୍ୟ କରୁଥିବା ଠିକାଦାରମାନେ ବିଭିନ୍ନ ସମସ୍ୟାକୁ ନେଇ ବୁଧବାର ମେୟର ସଂଘମିତ୍ରା ଦଳେଇ ଓ କମିଶନର ଭବାନୀ ପ୍ରସାଦ ମିଶ୍ରଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ କାର୍ଯ୍ୟର ବିଲ ପାସ ହେଉ ନ ଥିବା ନେଇ ଠିକାଦାରମାନେ କମିଶନରଙ୍କ ଉପରେ ଅସନ୍ତୋଷ ଝାଡିଥିଲେ। ଯାହାକୁ ନେଇ କମିଶନର ବିଲ ପାସ କ୍ଷେତ୍ରରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିବା ଠିକାଦାରମାନେ ଅଭିଯୋଗ କରିଛନ୍ତି। ସେହିପରି ୫-ଟି ଅଧୀନରେ ସ୍କୁଲ ଓ କଲେଜରେ ହୋଇଥିବା କାର୍ଯ୍ୟ ଦୀର୍ଘ ଦିନ ଧରି ସରିଥିବା ବେଳେ ବିଲ ପାସ ନକରିବା କାରଣରୁ ଠିକାଦାରମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ଏଥିସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଜବର ଦଖଲ ଉଚ୍ଛେଦ ନ ହେବା କାରଣରୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସେହିପରି କାର୍ଯ୍ୟ ସରିବା ପାଇଁ ଅଧିକ ସମୟ ପ୍ରଦାନ, କାର୍ଯ୍ୟ ସରିବା ପରେ ସଠିକ ମାପ ଓ ବଜେଟ ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟର ବିଲ ଗୁଡିକ ସଠିକ ସମୟରେ ପାସ ହେବା, ସ୍କୁଲ, କଲେଜ, ମୁକ୍ତା ଯୋଜନାରେ ହୋଇଥିବା କାର୍ଯ୍ୟର ବିଲ ଗୁଡିକ ଦଶହରା ପୂର୍ବରୁ ପାସ କରିବା ପାଇଁ ଠିକାଦାରମାନେ ଦାବି କରିଛନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିବା ଠିକାଦାରମାନେ କହିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ କରାଯିବ ବୋଲି ଠିକାଦାରମାନେ ଚେତାବନୀ ଦେଇଛନ୍ତି।

## ୫ ଚୋରି ମୋବାଇଲ ଫୋନ୍ ଜବତ

ଛତ୍ରପୁର,୨୫।୯(ସନ୍ତୋଷ ପାଢୀ):

ଚମାଖଣ୍ଡି ଥାନା ପୋଲିସ ୫ଟି ଚୋରି ମୋବାଇଲ ଫୋନ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ଫୋନଗୁଡିକ ବିଭିନ୍ନ ଲୋକଙ୍କଠାରୁ ଚୋରି ହୋଇଥିଲା। ଥାନାରେ ଅଭିଯୋଗ କରିଥିବା ଲୋକଙ୍କୁ ସେମାନଙ୍କ ମୋବାଇଲ ଫୋନ୍‌ଗୁଡିକୁ ପୋଲିସ ହସ୍ତାନ୍ତର କରିଛି।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ବ୍ରହ୍ମପୁର, ୨୫।୯
(ସ୍ୱାଧୀନ ଶେଖର ପାଢ଼ୀ)

ଭିଭି ଗିରି ଶିକ୍ଷାନୁଷ୍ଠାନ ପରିସରରେ ରଙ୍ଗେଇଲୁଣ୍ଡା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଓ ମହାନଗର ପକ୍ଷରୁ ୨୭ଟି ବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେ। କୃତ୍ରିମ ବୁଦ୍ଧିମତା ଶୀର୍ଷକରେ ସମସ୍ତ ଅତିଥିମାନେ ମତ ଦେଇଥିଲେ। ବିଇଓ ଦେବେନ୍ଦ୍ର କୁମାର ବେହେରା କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ.ଉଷାରାଣୀ ବ୍ରହ୍ମା, ହରିହର ମୁନୀ ଓ ବସନ୍ତ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ନର୍ସିଂ ଅଫିସର ସଂଘର ଆନ୍ଦୋଳନ

ବ୍ରହ୍ମପୁର,୨୫।୯(ସୁବାସ ଚନ୍ଦ୍ର ପାଢ଼ୀ)

ବିଭିନ୍ନ ଦାବି ନେଇ ଏମକେସିଜି ମେଡିକାଲ ଓ ସିଟି ହସପିଟାଲ ଅଧିନରେ କାମ କରୁଥିବା ୧୩ଶହ ନର୍ସିଂ ଅଫିସ ବୁଧବାରଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନେ କୌଣସି ୱାର୍ଡରେ କାମ କରିନଥିବାବେଳେ କେବଳ ଆଇସିୟୁ, ଓଟି, ଲେବର ରୁମରେ କାମ କରିଛନ୍ତି। ବିଭିନ୍ନ ଦାବିରେ ରାଜ୍ୟ ସଚିବାଳୟରେ ବିଭାଗୀୟ ଅଧିକାରୀଙ୍କ ସହ ରାଜ୍ୟ ନର୍ସିଂ ଅଫିସର ସଂଘ ସଭାନେତ୍ରୀ ସୁଚିସ୍ମିତା ଦାସ ଓ ସମ୍ପାଦକ ଅଶ୍ୱିନୀ କୁମାର ଦାସ ଏକ ଆଲୋଚନା ବୈଠକ ହୋଇଥିଲା। କିନ୍ତୁ ବୈଠକ ବିଫଳ ପରେ ଆନ୍ଦୋଳନକୁ ନର୍ସିଂ ଅଫିସରମାନେ ଓହ୍ଲାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଆସନ୍ତା ୨୭ ତାରିଖଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଗତ ୨୦୧୩ ନଭେମ୍ବର ୧୨ ତାରିଖ ପୂର୍ବର ନିଯୁକ୍ତ ନର୍ସିଂ ଅଫିସରଙ୍କ ୬ବର୍ଷ ଚୁକ୍ତିଭିତ୍ତିକ ଅବଧି ମୂଳ ଚାକିରିରେ ମିଶାଇ ପଦୋନ୍ନତି, ଯୋଗ୍ୟ ନର୍ସିଂ ଅଫିସରଙ୍କୁ ପଦୋନ୍ନତି, ସହକାରୀ ନର୍ସିଂ ଅଧିକ୍ଷକ ପଦବୀରେ ପଦୋନ୍ନତି ପାଇଁ ଆବଶ୍ୟକ ସ୍ଥିରୀକୃତ ଅବଧିକୁ କମ କରି ୧୬ବର୍ଷରୁ ଅଧିକ ସମୟ ଧରି ସେବା ଯୋଗାଇ ଆସୁଥିବା ବରିଷ୍ଠ ନର୍ସିଂ ଅଫିସଙ୍କ ଏକ ସମୟରେ ଦୁଇଟା ପଦୋନ୍ନତି, ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନିୟୋଜିତ ସରକାରୀ ନର୍ସିଂ ଅଫିସରଙ୍କୁ ଫେରାଇ ଆଣି କ୍ୟାଡର ପୋଷ୍ଟରେ ନିଯୁକ୍ତି, କଟକରେ କାର୍ଯ୍ୟକ୍ଷମ ରିଜିଓନାଲ ସ୍ପାଇନାଲ ଇନଜୁରୀ ସେଣ୍ଟରରେ ୧୮ ବର୍ଷ କାମ କରୁଥିବା ଅଫିସରଙ୍କୁ ତୁରନ୍ତ ନିୟମିତ, ନିୟମିତ ହୋଇନଥିବା ଅବଶିଷ୍ଟ ଅଫିସରଙ୍କୁ ତୁରନ୍ତ ସ୍ଥାୟୀ ଏଭଳି ୧୦ ଦଫା ଦାବି ରଖାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ, ଅର୍ଥ ମନ୍ତ୍ରୀ ଓ ସାଧାରଣ ପ୍ରଶାସନ ବିଭାଗ ଓ ନର୍ସିଂ ଅଫିସର ସଂଘ ମୁଖ୍ୟଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଉ ବୋଲି ଗଞ୍ଜାମ ଜିଲା ସଭାନେତ୍ରୀ କନକଲତା ଦାସ, ସମ୍ପାଦିକା ସୁପ୍ରଭା ଦେହୁରୀ ପ୍ରକାଶ କରିଛନ୍ତି।

## ତାଲାବନ୍ଦ ଘରୁ ଚୋରି ଘଟଣା, ୪ କୋର୍ଟ ଚାଲାଣ

### ୮୧ ଗ୍ରାମ ୫୧୦ମି. ଗ୍ରାମ ସୁନା ଜବତ

ଗୋପାଳପୁର,୨୫।୯(ନବୀନ ରାଜ ଆଚାରୀ) ତାଲାବନ୍ଦ ଘରୁ ଚୋରି ଘଟଣାରେ ଗୋପାଳପୁର ଥାନା ପୋଲିସ ବୁଧବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଗୋପାଳପୁର ଏନ୍‌ଏସି ଗୁନା ସାହିର ବି. ଦେବରାଜ, ପ୍ରଦୀପ କୁମାର ବେହେରା, ପ୍ରଶାନ୍ତ କୁମାର ନାୟକ ଓ ଏନ ଶ୍ୟାମସୁନ୍ଦର ରାଓ । ଅଭିଯୁକ୍ତମାନଙ୍କଠାରୁ ସୁନା ବିସ୍କୁଟ, ଦୁଇଟି କାନଫୁଲ, ଗୋଟିଏ ସୁନା ହାର, ଗୋଟିଏ ତରଳ ରାଉଣ୍ଡ ସୁନା , ଗୋଟିଏ ଜିଗିନୀ ନାନୁ , ଗୋଟିଏ କାନ ଫୁଲ ଝୁମ୍ପି ମୋଟ ୮୧ ଗ୍ରାମ ୫୧୦ମି. ଗ୍ରାମ ସୁନା ପୋଲିସ ଜବତ କରିଥିବା ଖବରଦାତା ସମ୍ମିଳନୀରେ ପୋଲିସ କହିଛି।

ଗତ ଜୁଲାଇ ୨୨ରେ ଗୁନା ସାହିର ପ୍ରତିମା ଖାତୁନ ବ୍ରହ୍ମପୁର ତାଙ୍କ ବାପଘରକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବା ବେଳକୁ କେହି ଦୁର୍ବୃତ୍ତ ଆଲମାରୀ ତାଡ଼ି ପ୍ରାୟ ୭ ତୋଳା ସୁନା ଗହଣା ନେଇଯାଇଥିବା ଜାଣିଥିଲେ । ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ. ୨୧୨/୨୪ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଖାତୁନଙ୍କ ଘରୁ ଚୋରି ହେବା ଦିନ ହିଁ ତାଙ୍କ ପଡୋଶୀଙ୍କ ଘରୁ ବି. ଦେବରାଜ ଚୋରି କରୁଥିବା ବେଳେ ଧରାପଡି ପରେ ଖସି ପଳାଇଥିଲେ। ତେଣୁ ପୋଲିସ ଦେବରାଜଙ୍କ ଉପରେ ସନ୍ଦେହ କରିଥିଲା । ସେବେଠାରୁ ଦେବରାଜ ଫେରାର ଥିଲେ। କୌଣସି ସୂତ୍ରରୁ ବୁଧବାର ପୋଲିସ ଖବରପାଇ ଦେବରାଜଙ୍କୁ ତାଙ୍କ ଘରୁ କାବୁ କରିଥିଲା। ପୂର୍ବରୁ ସେହି ସାହିର ବି.ଦମୟନ୍ତୀଙ୍କ ଘରେ ସୁନା ଚୋରି ନେଇ ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା। ସେଠାରୁ ମଧ୍ୟ ଦେବରାଜ ଚୋରି କରିଥିବା ସ୍ୱୀକାର କରିଥିଲେ। ଚୋରି ସୁନାକୁ ସେ ପ୍ରଦୀପ, ପ୍ରଶାନ୍ତ ଓ ଶ୍ୟାମସୁନ୍ଦରଙ୍କୁ ବିକିଥିବା କହିଥିଲେ। ସେହି ୩ ଜଣଙ୍କୁ ପୋଲିସ ସେମାନଙ୍କ ଘରୁ କାବୁ କରି ଥାନାକୁ ଆଣି ପଚରା ଉଚରା କରି ସୁନା ଜବତ କରିଛି। ଖବରଦାତା ସମ୍ମିଳନୀରେ ରିଜର୍ଭ ଇନ୍ସପେକ୍ଟର ଏମ. ଲକ୍ଷ୍ମୀ ରଞ୍ଜନ, ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ଏ ଏସ ଆଇ ବି. ତିରୁପତି ରାଓ ଉପସ୍ଥିତ ଥିଲେ।

## ପୃଥକ୍ ସ୍ଥାନରେ ଦୀନଦୟାଲଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର,୨୫।୯(ନରସିଂହ ସାହୁ)



ଦୀନଦୟାଲଙ୍କ ଜୟନ୍ତୀରେ ଭାଜପା ନେତା ଓ କର୍ମୀ

ପୂର୍ବ ଜନସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଡ଼. ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ଜୟନ୍ତୀ ଭାଜପା ପକ୍ଷରୁ ବ୍ରହ୍ମପୁରରେ ପୃଥକ୍ ଦୁଇଟି ସ୍ଥାନରେ ପାଳିତ ହୋଇଛି। ଗଞ୍ଜାମ ସାଙ୍ଗଠନିକ ଜିଲା ପୂର୍ବତନ ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ଗାନ୍ଧୀ ନଗରରେ ଜୟନ୍ତୀ ପାଳନ ହୋଇଥିବା ବେଳେ ବିଧାୟକ କେ. ଅନିଲ କୁମାର ତାଙ୍କ କାର୍ଯ୍ୟାଳୟରେ ଆଉ ଏକ କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ଉଭୟ ପକ୍ଷ ବିଭିନ୍ନ ବୁଥରେ ନୂଆ ସଦସ୍ୟ ସଂଗ୍ରହ ଅଭିଯାନ ସହ ଘରକୁ ଘର ଯାଇ ଭାଜପାର ନୀତି ଓ ଆଦର୍ଶ ସମ୍ପର୍କରେ ଲୋକଙ୍କୁ ସଚେତନ କରିଛନ୍ତି। ବିଧାୟକଙ୍କ କାର୍ଯ୍ୟକ୍ରମରେ ପୁରୁଖା ଭାଜପା ନେତା କୁଞ୍ଜବିହାରୀ ପାଣିଗ୍ରାହି, ଆରଏସଏସର ରମେଶ ତ୍ରିପାଠୀଙ୍କ ସମେତ ଅନେକ କର୍ମୀ ଯୋଗଦେଇ ଦୀନଦୟାଲଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଗାନ୍ଧୀ ନଗରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ମଧ୍ୟ ଦୀନଦୟାଲଙ୍କ ଜୀବନୀ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପାର ପୂର୍ବ ରାଜ୍ୟ ଉପସଭାପତି କୁଞ୍ଜ ପାଣିଗ୍ରାହି ଯୋଗ ଦେଇଥିଲେ। ବରିଷ୍ଠ ନେତା ସୁନିଲ ସାହୁ, ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ଧର୍ମରାଜ ପାଣିଗ୍ରାହି, ଭାବଗ୍ରାହି ପାଳ, ଦେବୁନ ପଟ୍ଟନାୟକ, ଟୁଙ୍ଗୁରୁ ପାତ୍ର, ପ୍ରଫୁଲ ପାଣିଗ୍ରାହି, ଓବିସିସି ମୋର୍ଚ୍ଚା ଜିଲା ସଭାପତି ମଦନ ମୋହନ ପାତ୍ର, କେ. ରବି ରାଓ ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ଶୋଭା ବଢ଼ାଇବ କଲିକତା କାରିଗରଙ୍କ ମୂର୍ତ୍ତି

ବ୍ରହ୍ମପୁର,୨୫।୯(ସ୍ମୃତି ରଞ୍ଜନ ମହାଲିକ) ଶାରଦୀୟ ଦୁର୍ଗା ପୂଜା ନେଇ ସହରର ସମସ୍ତ ପୂଜା ମଣ୍ଡପ ଉତ୍ସବ ମୁଖର ହୋଇ ଉଠିଛି। ସହରର ବିଭିନ୍ନ କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି। ବିଭିନ୍ନ ପୂଜା କମିଟିର ସୁସଜ୍ଜିତ ତୋରଣ ବେଶ ଆକର୍ଷିତ ହେବ। ତେବେ ଗିରିଜା ଜଙ୍କସନ ବ୍ୟବସାୟୀ ସଂଘ ପକ୍ଷରୁ ମଧ୍ୟ ପୂଜା ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତ ବର୍ଷ କମିଟି ୫୦ ବର୍ଷରେ ପଦାର୍ପଣ କରିଛି। ୧୯୭୪ ମସିହାରେ କମିଟି ପକ୍ଷରୁ ପ୍ରଥମ କରି ମୂର୍ତ୍ତି ପୂଜା ଆରମ୍ଭ ହୋଇଥିଲା। କୋଭିଡଠାରୁ ଦୀର୍ଘ ୩ ବର୍ଷ ଧରି ପୂଜା କାର୍ଯ୍ୟ ବନ୍ଦ ରହିଥିଲା। ଚଳିତ ବର୍ଷ ପୁଣି ପୂଜା ଆରମ୍ଭ ହୋଇଛି। କଲିକତା କାରିଗରଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ କରାଯାଉଛି। ଯାହାର ଉଚ୍ଚତା ୧୨ ଫୁଟ ରହିବ। ମାଙ୍କ ନିକଟରେ ଲକ୍ଷ୍ମୀ, ଗଣେଶ ଓ ସରସ୍ୱତୀ ମୂର୍ତ୍ତି ପୂଜା ପାଇବେ। ସ୍ଥାନୀୟ ବ୍ୟବସାୟୀଙ୍କ ସାହାଯ୍ୟ ଓ ସହଯୋଗରେ ପୂଜା କାର୍ଯ୍ୟ

### ବିରାଜିବେ ମା'

ହୋଇଆସୁଛି। ନବରାତ୍ରିଠାରୁ ପୂଜା ଆରମ୍ଭ ହେବ। ମାଙ୍କ ନିକଟରେ ଷୋଡଶ ଉପଚାର ଓ ସୂର୍ଯ୍ୟ ପୂଜା ହେବ। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ। ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ପୋଲିସ ଓ କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ପୂଜା କାର୍ଯ୍ୟକୁ ସଭାପତି ହରିଶ ଚନ୍ଦ୍ର କୋଠିଆ, ସଂଯୋଜକ ବଳରାମ ନାୟକ ଓ ଆଦିତ୍ୟ ପଟ୍ଟନାୟକଙ୍କ ସମେତ କମିଟିର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

### ପୂଜାକୁ ଅଧିକ ଗୁରୁତ୍ୱ

ସାଂସ୍କୃତିକ କାର୍ଯ୍ୟକ୍ରମ ଅପେକ୍ଷା ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ବ୍ୟବସାୟୀଙ୍କ ସାହାର୍ଯ୍ୟ ଓ ସହଯୋଗରୁ ଦୀର୍ଘ ବର୍ଷ ଧରି ପୂଜା ପରିଚାଳନା ହୋଇଆସୁଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

**ଗୌର ଚରଣ ପଟ୍ଟନାୟକ,**
**ସଂଯୋଜକ**

## ଭାଜପାର ସଦସ୍ୟ ଗ୍ରହଣ ଅଭିଯାନ

ପାତ୍ରପୁର,୨୫।୯(ଉମା ଚରଣ ନେପାକ): ପାତ୍ରପୁରସ୍ଥିତ ମହେନ୍ଦ୍ର ତନୟା ସାଂସ୍କୃତିକ ପରିଷଦଠାରେ ଟିକିଟି ଭଜପା ତରଫରୁ ସେବା ସପ୍ତାହ ଓ ସଦସ୍ୟ ଗ୍ରହଣ ଅଭିଯାନ ବୁଧବାର ହୋଇଛି । ମୀନା ଦ୍ୟାନ ସାମନ୍ତରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ସୁବାଷ ସାହୁ, ଜିଲା ଉପ ସଭାପତି ୱାଇ. ମୋହନ ରାଓ, ଟିକିଟି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ମହନ୍ତ ଚିନ୍ମୟାନନ୍ଦ ମହାରାଜ, ବ୍ଲକ ଉପାଧକ୍ଷ ଅନାଦୀ ଚରଣ ପଣ୍ଡିତ, ବିଧାନ ସଭା ସଂଯୋଜକ ଆପନା ପ୍ରଧାନ, ପୂର୍ବତନ ଟିକିଟି ଅଧକ୍ଷ କେ. ନରସିଂହ ପ୍ରମୁଖ ମଞ୍ଚାସୀନ ଥିଲେ।

## ଖଲ୍ଲିକୋଟରେ ପଞ୍ଚାୟତ ସମିତି ବୈଠକ

ଖଲ୍ଲିକୋଟ,୨୫।୯(ପ୍ରଶାନ୍ତ କୁମାର ମିଶ୍ର)-ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ୮ମ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ମାସରେ ବ୍ଲକ ଅଧକ୍ଷ ପଦବୀ ଉପ ନିର୍ବାଚନରେ ଭାଜପା ପ୍ରାର୍ଥୀ ଚିକିଲି ସମିତି ସଭ୍ୟ କୁମାରୀ ଦାସ ବିଜୟୀ ହେବା ପରେ ଏହା ଥିଲା ପ୍ରଥମ ସମିତି ବୈଠକ। ବିଡ଼ିଓ ଦେବାଶିଷ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠି, ବ୍ଲକ ଅଧକ୍ଷା କୁମାରୀ ଦାସ, ଉପାଧକ୍ଷ ଭାରତୀ ମହାରଣା, ଏଇ ହରେକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗର କୌଣସି ଅଧିକାରୀ ସମିତି ବୈଠକକୁ ଆସୁ ନ ଥିବାରୁ ଲୋକ ପ୍ରତିନିଧିମାନେ ଉଦବେଗ ପ୍ରକାଶ କରିଥିଲେ। ପାଇପ ଲାଇନ ବିଛାଇବା ପାଇଁ ସବୁ ଗାଁ ରେ ରାସ୍ତା ଗୁଡିକ ଖୋଳି ଦେଇଥିବା ରୁ ସାଧାରଣ ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଥିବାରୁ ବୈଠକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜାତୀୟ ରାଜପଥ ଠାରୁ ଏସ କେ ଏସ ପୁର ପଞ୍ଚାୟତ ଏବଂ ବିକ୍ରମପୁର ପଞ୍ଚାୟତର ସଂଯୋଗ ରୋଡ଼ର ଦୁର୍ଦ୍ଦଶା କେବେ ବୋଲି ସୁଧରିବ ବୋଲି ବିକ୍ରମପୁର ସରପଞ୍ଚ ପ୍ରସନ୍ନ ଆଚାର୍ଯ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏକାଧିକ ସ୍ଥାନରେ ରାସ୍ତା କାମ ହେଉନଥିବାରୁ ବହୁ ସରପଞ୍ଚ ପ୍ରତିବାଦ କରିଥିଲେ।

## ଦକ୍ଷିଣ ଓଡ଼ିଶାର ଆଇଟିଆଇରେ ଟିପିଏସ୍‌ଓଡିଏଲ୍‌ର ଦକ୍ଷତା ବିକାଶ ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଟିପିଏସଓଡିଏଲ ଓ ଆଇଟିଆଇ କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ର।

ବ୍ରହ୍ମପୁର,୨୫।୯(ସ୍ମୃତି ରଞ୍ଜନ ମହାଲିକ)

ଶିଳ୍ପ ସମ୍ବନ୍ଧୀୟ ଦକ୍ଷତା ପ୍ରଦାନ କରି ଯୁବ ପିଢୀଙ୍କୁ ସଶକ୍ତ କରିବା ଦିଗରେ ଟିପିଏସଓଡିଏଲ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। କମ୍ପାନୀ ପକ୍ଷରୁ ବ୍ରହ୍ମପୁର ଓ ହିଞ୍ଜିଳିକାଟୁ ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ)ରେ ବୈଷୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶକ୍ତି କ୍ଷେତ୍ରରେ ଭବିଷ୍ୟତରେ ଥିବା ସୁଯୋଗ ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଟିପିଏସଓଡିଏଲ ଓ ଦକ୍ଷିଣ ଓଡିଶାର ବିଭିନ୍ନ ଆଇଟିଆଇର ମିଳିତ ସହଯୋଗରେ ଏହି ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମରେ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ, ହିଞ୍ଜିଳିକାଟୁ ସରକାରୀ ଆଇଟିଆଇର ଅଧକ୍ଷା ମୁକ୍ତିରାଣୀ ସାମନ୍ତ, ବ୍ରହ୍ମପୁର ଆଇଟିଆଇର ଅଧକ୍ଷ ରଞ୍ଜନ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ସ୍କିଲ ଇନ ଓଡିଶାର ଏକ ଅଂଶ ଭାବରେ ଏହି ଭାଗିଦାରୀ ପାଠ୍ୟ ପୁସ୍ତକ ଜ୍ଞାନ ଓ ବ୍ୟବହାରିକ ଦକ୍ଷତା ମାଧ୍ୟମରେ ଥିବା ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟ ରଖିଛି। ଛାତ୍ରୀଛାତ୍ରମାନେ ଟିପିଏସଓଡିଏଲର ଅତ୍ୟାଧୁନିକ ଭିତ୍ତିଭୂମି ଏଚଓଟିଟି କେନ୍ଦ୍ର, ପାୱାର ସିଷ୍ଟମ କଣ୍ଟ୍ରୋଲ କେନ୍ଦ୍ର, ସ୍ମାର୍ଟ ମିଟର ଲ୍ୟାବ ଓ ୩୩/୧୧କେଭି ସବ ଷ୍ଟେସନରେ ପ୍ରଶିକ୍ଷଣ ନେବେ। ପାଠ୍ୟକ୍ରମ ଶେଷ କରିଥିବା ବିଦ୍ୟାର୍ଥୀମାନେ ଟିପିଏସଓଡିଏଲରେ ନିଯୁକ୍ତି ସୁଯୋଗ ପାଇବେ। ଟିପିଏସଓଡିଏଲ ଦକ୍ଷିଣ ଓଡିଶାର ବିକାଶରେ ଭାଗୀଦାର ହେବା ସହ ଆତ୍ମ ନିର୍ଭର ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରୟାସ କରୁଛି।

## ସରକାରୀ ଜମିରେ ବେଆଇନ ନିର୍ମାଣକୁ ବିରୋଧ

ବ୍ରହ୍ମପୁର,୨୫।୯(ସ୍ମୃତି ରଞ୍ଜନ ମହାଲିକ)

ସରକାରୀ ଜମିରେ ବେଆଇନ ନିର୍ମାଣକୁ ବିରୋଧ କରି ବ୍ରହ୍ମପୁର ଉପଜିଲାପାଳଙ୍କୁ ସ୍ଥାୟୀ ବିକାଶ ଲକ୍ଷ୍ୟ, ସବୁଜ ବାହିନୀ ଓ ଲାଠି ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠି ଗ୍ରାମର ଗୌଡ ସାହିରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ସ୍କୁଲ ପାର୍ଶ୍ୱରେ ଥିବା ଏକ ସରକାରୀ ଜମିରେ ସ୍କୁଲର ରୋଷେଇ ଗୃହ ଓ ଇ-ଲାଇବ୍ରେରୀ ନିର୍ମାଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ଲକ ଉନ୍ନୟନ କର୍ତ୍ତୃପକ୍ଷ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁମୋଦନ କରିଥିଲେ। ଏହାପରେ ସେଠାରେ ଫଳକ ଲଗାଯାଇଥିଲା। କିନ୍ତୁ ବର୍ତ୍ତମାନ ଜଣେ ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବେ ଜାଗାକୁ ଦଖଲ କରି ନିଜ ସୁବିଧା ପାଇଁ ଦୋକାନ ଗୃହ ନିର୍ମାଣ କରିଥିବା



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବିଭିନ୍ନ ସଂଗଠନର ସଦସ୍ୟ।

ଅଭିଯୋଗ ହୋଇଛି। ଗ୍ରାମବାସୀ ଏହାକୁ ବିରୋଧ କରି ସ୍ଥାନୀୟ ସରପଂଚ, ସମିତି ସଭ୍ୟ ଏବଂ ୱାର୍ଡ ମେମ୍ବରଙ୍କୁ ଅବଗତ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଉପଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଦାବି ପତ୍ର ପ୍ରଦାନ ସମୟରେ ସ୍ଥାୟୀ ବିକାଶ ଲକ୍ଷ୍ୟର ସଭାପତି ରବୀନ୍ଦ୍ର କୁମାର ମିଶ୍ର, ସଂପାଦକ ଉମାଶଙ୍କର ସାହୁ, ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀଙ୍କ ସମେତ ରବିନ୍ଦ୍ର ସାହାଣୀ, ପ୍ରଦୀପ ଖଟେଇ, ଅରୁଣ ଗୌଡ, ରମେଶ ଚନ୍ଦ୍ର ଗୌଡ ଓ ଲାଠି ଗ୍ରାମର ବହୁ ସଦସ୍ୟ ଉପସ୍ଥିତ ଥିଲେ।

